بِسۡمِ اللّٰہِ الرَّحۡمٰنِ الرَّحِیۡمِ

୧୯ ଡ଼ିସେମ୍ବର ୨୦୨୫ ଖୁତ୍‌ବା ଜୁମାର ସାରାଂଶ
ସ୍ଥାନ – ମସଜିଦ୍ ମୁବାରକ୍, ଇସଲାମାବାଦ୍ ଟିଲ୍‌ଫୋର୍ଡ୍

# ନିଶ୍ଚିତ ରୂପେ ଅଲ୍ଲାଃଙ୍କ ରସୁଲ[ସ.ଅ]ଙ୍କ ପବିତ୍ର ଚରିତ୍ର ତୁମମାନଙ୍କ ସକାଶେ ଅନୁକରଣ ଯୋଗ୍ୟ ।

ଅଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ୱ୍ୱହ୍‌ଦହୁ ଲାଶରିକା ଲହୁ ୱ୍ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱ୍ୱରସୁଲୁହୁ ଅମ୍ମାବାଦ୍ ଫଉଜୁବିଲ୍ଲା ହିମିନଶ୍ ଶୈତା ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍‌ରହେମା ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମା ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟାକା ନାବୁଦୁ ୱ୍ୱ ଇୟାକା ନସ୍‌ତଈନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଆଲୈହିମ୍ ୱ୍ୱଲଜ୍ୱାଲ୍‌ଲିନ୍ ।

ତଶହୁଦ୍, ତଉଜ୍ ଓ ସୁରଃ ଫାତିହାର ଆବୃତ୍ତି କରିବା ପରେ ପ୍ରିୟ ହୁଜୁର ଅନୱ୍ୱର[ଅ.ବ] ସୁରଃ ଅହଜାବ୍‌ର ଆୟତ ସଂଖ୍ୟା ୨୨ର ଆବୃତ୍ତି କଲେ ଓ ତାହାର ଅନୁବାଦ ଉପସ୍ଥାପନ କରି କହିଲେ; ନିଶ୍ଚିତ ରୂପେ ତୁମମାନଙ୍କ ମଧ୍ୟରୁ ପ୍ରତ୍ୟେକ ସେହି ବ୍ୟକ୍ତି ଯେଉଁମାନେ ଅଲ୍ଲାଃ ଓ ପଳୟ ଦିବସ ଉପରେ ବିଶ୍ୱାସ ରଖନ୍ତି ଓ ଅଲ୍ଲାଃତାଲାଙ୍କୁ ଅତ୍ୟଧିକ ସ୍ମରଣ କରିଥାନ୍ତି, ସେମାନଙ୍କ ସକାଶେ ଅଲ୍ଲାଃଙ୍କ ରସୁଲ[ସ.ଅ]ଙ୍କ ପବିତ୍ର ଚରିତ୍ର ଅନୁକରଣୀୟ । ମହାମହିମ ହୁଜୁର ଅନୱ୍ୱର[ଅ.ବ] କହିଲେ; ହଜରତ ଆଏଶା[ର.ଅ]ଙ୍କୁ କେହି ଜଣେ ପଚାରିଲେ, ନବୀଶ୍ରେଷ୍ଠ ହଜରତ ମୁହମ୍ମଦ[ସ.ଅ]ଙ୍କର ଆଚାର ବ୍ୟବହାର କିପରି ଥିଲା, ସେଥି ସଂକ୍ରାନ୍ତରେ ଆମକୁ କିଛି କୁହନ୍ତୁ । ସେ ଉତ୍ତର ଦେଲେ, କ'ଣ ତୁମେ କୁରଆନ ପାଠ କରୁ ନାହଁ । ସେଥିରେ ତ ଅଲ୍ଲାଃ ସ୍ୱୟଂ ନିଜ ପ୍ରିୟ ରସୁଲଙ୍କର ସାକ୍ଷ୍ୟ ଦେଇଛନ୍ତି । ଯେପରିକି ସେ କହିଛନ୍ତି; ଓଇନ୍ନକା ଲା'ଅଲା ଖୁଲୁକିନ୍ ଅଜିମ୍ ଅର୍ଥାତ୍ ନିଃସନ୍ଦେହରେ ତୁମେ ! ଉତ୍ତମ ବ୍ୟବହାର ପ୍ରଦର୍ଶନ କରିବାର ସର୍ବୋଚ୍ଚ ସ୍ତରରେ ଅଧିଷ୍ଠିତ ।

ସୁତରାଂ (ଅନ୍ୟମାନଙ୍କ ସକାଶେ) ଆଦର୍ଶ ତ ସେହି ବ୍ୟକ୍ତି ହୋଇଥାଏ, ଯିଏକି କୌଣସି କ୍ଷେତ୍ରର ସର୍ବୋଚ୍ଚ ସ୍ତରରେ ଅଧିଷ୍ଠିତ ହୋଇଥିବ । ଯେପର୍ଯ୍ୟନ୍ତ ହଜରତ ମୁହମ୍ମଦ ମୁସ୍ତଫା[ସ.ଅ]ଙ୍କର କଥା ତେବେ ଜାଣିରଖ ଯେ, ତାହା ଅଲ୍ଲାଃଙ୍କ ଅଧିକାର ସମ୍ପନ୍ନ କରିବାର ପ୍ରସଙ୍ଗ ହେଉ ଅବା ଭକ୍ତଙ୍କ ଅଧିକାର ସମ୍ପନ୍ନ କରିବାର ପ୍ରସଙ୍ଗ ହେଉ ପ୍ରତ୍ୟେକ କ୍ଷେତ୍ରରେ ମହାଭାଗ ଏପରି ଉଚ୍ଚସ୍ତରରେ ଅଧିଷ୍ଠିତ ଥିଲେ, ଯାହାର ପରାକ୍ରମ ଅଲ୍ଲାଃ ସ୍ୱୟଂ ସାକ୍ଷ୍ୟ ଦେଲେ । ଏଥି ସକାଶେ ଅଲ୍ଲାଃତାଲା ଆମକୁ କହିଛନ୍ତି; ଏହି ରସୁଲଙ୍କ ପଦାଙ୍କ ଅନୁସରଣ କରିବା ତୁମମାନଙ୍କ ସକାଶେ ବିଧେୟ । ତେଣୁ କେବଳ ତାହାର ଉତ୍ତମ ଓ ପବିତ୍ର ହିତବାଣୀ ଶୁଣ ନାହିଁ, ବରଂ ତାହାର ପାଳନ କର । କାରଣ କେବଳ ବିଶ୍ୱାସ ଆଣିନେବା ଯଥେଷ୍ଟ ନୁହେଁ, ଯେପର୍ଯ୍ୟନ୍ତ କି ସେହି (ଆଦେଶ ାନୁଯାୟୀ) କାର୍ଯ୍ୟ କରାଯାଇ ନାହିଁ । ଏତଦ୍ ଦ୍ୱାରା ତୁମେ ନିଶ୍ଚିତ ରୂପେ ସେହି ସ୍ତର ପ୍ରାପ୍ତ କରିପାରିବ ଯେଉଁଥି ପାଇଁ ଆମ୍ଭେ ଏହି ରସୁଲଙ୍କୁ ପ୍ରେରଣ କରିଅଛୁ । ସୁତରାଂ ଏହା ସେହି ସ୍ତର, ଯେପରିକି ପୁଣ୍ୟଶ୍ଳୋକ କହିଲେ; ତୁମେ ମୋ ସୁନ୍ନତ୍ (ଅନୁସୃତ ପନ୍ଥା)ର ଅନୁସରଣ କର । କାରଣ ଐଶ୍ୱର୍ଯ୍ୟମୟ ଅଲ୍ଲାଃ ମୋତେ ତୁମମାନଙ୍କ ସଂସ୍କାର କରିବା ସକାଶେ ପ୍ରେରଣ କରିଛନ୍ତି । ହୁଜୁର[ସ.ଅ] କହିଛନ୍ତି; ଉତ୍ତମ ଆଚରଣ ଓ ନମୁନା ପ୍ରଦର୍ଶନ କରିବା ସକାଶେ ପ୍ରଭୁ ମୋତେ ଅବତୀର୍ଣ୍ଣ କରିଛନ୍ତି । ଅତଃ ଏହା ସେହି ବ୍ୟକ୍ତି କରିପାରିବ ଯେ ସମସ୍ତ ସୁଗୁଣାବଳୀର ଅଧିକାରୀ ହୋଇଥିବ ଓ ସକଳ ସଦ୍‌ଗୁଣ ତାହା ଠାରେ ବିଦ୍ୟମାନ ଥିବ ।

ପ୍ରିୟ ହୁଜୁର ଅନୱ୍ୱର[ଅ.ବ] କହିଲେ; ହଜରତ ମୁସଲେହ୍ ମଉଦ[ର.ଅ] 'ଦିବାଚା ତଫ୍‌ସିରୁଲ୍ କୁରଆନ୍'

ଓ ଆମ ଜୀବନୀର ପୁସ୍ତକଗୁଡ଼ିକରେ ମଧ୍ୟ ମହାଭାଗଙ୍କ ପବିତ୍ର ଚରିତ୍ର ଓ ଜୀବନୀ ସଂକ୍ରାନ୍ତରେ ବର୍ଣ୍ଣନା କରାଯାଇଛି । ଆଜି ମୁଁ ସେଥି ସଂପର୍କରେ କିଛି କଥା ଆଲୋଚନା କରିବି ଏବଂ ଆସନ୍ତାରେ ଯଦି ଅବସରରେ ମିଳେ ତେବେ ତାହାର ବ୍ୟାଖ୍ୟା କରିବି । ମହାମାନ୍ୟ ହୁଜୁର ଅନୱର[ଅ.ବ] କହିଲେ; ମନେରଖ ! ସର୍ବପ୍ରଥମ ଅଧିକାର ଅଲ୍ଲାଃତାଲାଙ୍କର ଅର୍ଥାତ୍ ଈଶ୍ୱରଙ୍କ ଉପାସନା କରିବା । ଏଥିରେ ଆମକୁ ମହାଭାଗଙ୍କର କେଉଁ ପ୍ରକାର ନମୁନା ଦେଖିବାକୁ ମିଳୁଅଛି ? ଆମେ ଦେଖୁଛେ ଯେ ପୁଣ୍ୟଶ୍ଳୋକଙ୍କର ସମ୍ପୂର୍ଣ୍ଣ ଜୀବନ ଅଲ୍ଲାଃଙ୍କ ପ୍ରେମରେ ନିମଗ୍ନ ରହିଥିଲା । ଏହା ସତ୍ତ୍ୱେ ମହାଭାଗଙ୍କ ଉପରେ ନୂତନ ଧର୍ମ ବିଧାନ ଜାରି କରିବା ଓ ଲୋକମାନଙ୍କ ପ୍ରଶିକ୍ଷଣ କରିବା ପରି ବଡ ବଡ ଦାୟିତ୍ୱ ନ୍ୟସ୍ତ ରହିଥିଲା । ତଥାପି ଅଲ୍ଲାଃତାଲାଙ୍କର ଉପାସନା କରିବାର ଯେଉଁ କର୍ତ୍ତବ୍ୟ ରହିଥିଲା, ତାହାକୁ ମହାଭାଗ କଦାପି ପାସୋରି ଯାଇ ନଥିଲେ । ଏହା ଏକ ବହୁତ ବଡ ଓ ଗୁରୁତ୍ୱପୁର୍ଣ୍ଣ ପ୍ରସଙ୍ଗ ଥିଲା । ଇତି ମଧ୍ୟରେ ମହାଭାଗଙ୍କୁ ବିଭିନ୍ନ ପ୍ରକାରର କଷ୍ଟ ଓ ସମସ୍ୟାର ମଧ୍ୟ ସମ୍ମୁଖୀନ ହେବାକୁ ପଡଥିଲା । ଏପରିକି ଯୁଦ୍ଧ କ୍ଷେତ୍ରକୁ ମଧ୍ୟ ଯିବାକୁ ପଡିଥିଲା, ଶତ୍ରୁ ଆପଣ ଓ ଆପଣଙ୍କ ଅନୁଚରମାନଙ୍କ ଉପରେ ଆକ୍ରମଣ ମଧ୍ୟ କରିଥିଲା । କିନ୍ତୁ ଈଶ୍ୱରଙ୍କ ଉପାସନା କରିବାରୁ ମହାଭାଗ କଦାପି ନିବୃତ୍ତ ରହି ନଥିଲେ ଅବା ତାହାକୁ କଦାପି କମ୍ କରିଦେଇ ନଥିଲେ । ସୁତରାଂ ଏହା ସେହି ଆଦର୍ଶ ଯାହାକି ଆମ ଆଗରେ ରହିଛି, ଯେ ଆମେମାନେ ପ୍ରତ୍ୟେକ ଅବସ୍ଥା ଓ ପରିସ୍ଥିତିରେ ନିଜ ସୃଷ୍ଟିକର୍ତ୍ତାଙ୍କୁ ପ୍ରାଧାନ୍ୟ ଦେବା । **କାରଣ ଯେତେବେଳେ ଆମେ ଅଲ୍ଲାଃତାଲାଙ୍କୁ ସ୍ମରଣ ରଖିବା ସେତେବେଳେ ଆମର ବିଭିନ୍ନ ସମସ୍ୟା ଛାଏଁ ସମାଧାନ ହୋଇଯିବ** । ଲୋକମାନେ ନିଜ ସମସ୍ୟା ପାଇଁ ତ ଦୁଆ କରିଥା'ନ୍ତି କିନ୍ତୁ ଅଲ୍ଲାଃତାଲାଙ୍କ ଅଧିକାର ସମ୍ପାଦନ କରିବା ପ୍ରତି ଧ୍ୟାନ ଦେଇ ନଥା'ନ୍ତି । ବସ୍ତୁତଃ ମନୁଷ୍ୟ ତାଙ୍କ (କୃପା ପ୍ରାପ୍ତିରୁ) ବଞ୍ଚିତ ରହିଯାଇଥାଏ ।

ଦେଖ ପୁଣ୍ୟଶ୍ଳୋକଙ୍କ ଉପାସନା କରିବାର ସ୍ତର କିପରି ଥିଲା ? ଅର୍ଦ୍ଧରାତିରେ ହୁଜୁର[ସ.ଅ] ନିଦରୁ ଉଠି ଅଲ୍ଲାଃତାଲାଙ୍କ ଉପାସନା ପାଇଁ ଛିଡ଼ା ହୋଇଯାଉଥିଲେ, ଯାହାର ସ୍ୱୟଂ ଅଲ୍ଲାଃତାଲା ସାକ୍ଷ୍ୟ ଦେଲେ । ଏହିପରି ମହାଭାଗଙ୍କର ଜୀବନୀରେ ଏହି ଘଟଣା ମଧ୍ୟ ଦେଖିବାକୁ ମିଳିଥାଏ, ଯେ ଅଲ୍ଲାଃଙ୍କ ବାଣୀ ଶୁଣିବା ମାତ୍ରେ ମହାଭାଗଙ୍କ ପବିତ୍ର ଚକ୍ଷୁରୁ ଅଶ୍ରୁ ଅଣାୟତ ହୋଇ ବହି ପଡୁଥିଲା । ବିଶେଷ କରି ସେହି ଆୟତ ଶୁଣିବା ମାତ୍ର ଯେଉଁଥିରେ ମହାଭାଗଙ୍କ ଦାୟିତ୍ୱ ପ୍ରତି ଧ୍ୟାନ ଆକର୍ଷିତ କରାଯାଇଛି । ଏକଦା ପୁଣ୍ୟଶ୍ଳୋକ[ସ.ଅ]ଙ୍କ ଆଦେଶକ୍ରମେ ହଜରତ ଅବ୍ଦୁଲ୍ଲାଃ ବିନ୍ ମସୁଦ୍[ର.ଅ] ସୁରଃ ନିସା ଆବୃତ୍ତି କରି ମହାଭାଗଙ୍କୁ ଶୁଣାଇଲେ, ଯେତେବେଳେ ସେ ଏହି ଆୟତରେ ପହଞ୍ଚିଲେ ଅର୍ଥାତ୍ ସେତେବେଳେ ତୁମର ଅବସ୍ଥା କ'ଣ ହେବ ଯେତେବେଳେ ଆମେ ପ୍ରତ୍ୟେକ ସମ୍ପ୍ରଦାୟ ମଧ୍ୟରୁ ତାଙ୍କର ନବୀଙ୍କୁ ତାଙ୍କ ଅନୁଗାମୀମାନଙ୍କ ସମ୍ମୁଖରେ ଛିଡ଼ା କରି ହିସାବ ନେବୁ ଓ ତୁମକୁ ମଧ୍ୟ ତୁମ ସମ୍ପ୍ରଦାୟ ସମ୍ମୁଖରେ ଛିଡ଼ା କରି ହିସାବ ନେବୁ । ଏଥିରେ ମହାଭାଗ କହିଲେ; ବାସ, ସେତିକି ଥାଉ । ସେହି ସାହାବା କୁହନ୍ତି; ସେତେବେଳେ ମୁଁ ମହାଭାଗଙ୍କ ଆଡ଼କୁ ଚାହିଁଲି, କ'ଣ ଦେଖିଲି ଯେ ଆପଣଙ୍କ ପବିତ୍ର ନେତ୍ରରୁ ଧାର ଧାର ହୋଇ ଲୁହ ଝରି ପଡୁଛି । ସେତେବେଳେ ଅଲ୍ଲାଃତାଲାଙ୍କର ଭୟ ମହାଭାଗଙ୍କ ହୃଦୟରେ ଭରି ଯାଇଥିଲା ଓ ନିଶ୍ଚିତ ରୂପେ ସେତେବେଳେ ମହାଭାଗଙ୍କୁ ନିଜ ଅନୁଗାମୀମାନଙ୍କର ଚିନ୍ତା ଘାରୁଥିବ ଯେ ସେମାନେ ଏପରି କୌଣସି (ମନ୍ଦ) ଆଚରଣ କରି ନବସନ୍ତୁ, ଯାହାକି ଅଲ୍ଲାଃତାଲାଙ୍କୁ ଅସନ୍ତୁଷ୍ଟ କରିବାର କାରଣ ସାଜିବ ଓ ମୋତେ ସେମାନଙ୍କ ବିରୁଦ୍ଧରେ ସାକ୍ଷ୍ୟ ଦେବାକୁ ପଡିବ ।

ମହାମହିମ ହୁଜୁର ଅନଓ୍ୱର[ଅ.ବ] କହିଲେ; ତା'ପରେ ହଜରତ ମୁହମ୍ମଦ ମୁସ୍ତଫା[ସ.ଅ]ଙ୍କର ନମାଜ ପାଠ କରିବାରେ ନିୟମାନୁବର୍ତ୍ତିତା ବିଷୟ ଦେଖିନିଅ । ଏଥିପ୍ରତି ମହାଭାଗ ଏପରି ଯତ୍ନବାନ ଥିଲେ, ଯେ ଭୀଷଣ ବ୍ୟାଧିଗ୍ରସ୍ତ ଅବସ୍ଥାରେ ମଧ୍ୟ, ଏପରିକି ନିଜ ଜୀବନର ଶେଷ ମୁହୂର୍ତ୍ତରେ ଯେତେବେଳେ ଶୟନ କରିବା ଅବସ୍ଥାରେ ନମାଜ ପାଠ କରିବାର ଅନୁମତି ରହିଛି । ଇତିହାସର ପୃଷ୍ଠାରେ ଉଲ୍ଲେଖ ରହିଛି, ମହାଭାଗ ସାହାବାଙ୍କ ସାହାରା ନେଇ ମସଜିଦ୍ ଚାଲି ଯାଉଥିଲେ । ହଁ ମହାଭାଗ ନିଜ ଉପରେ ଅତ୍ୟାଚାର ପୂର୍ଣ୍ଣ ଉପାସନାକୁ ପସନ୍ଦ କରୁ ନଥିଲେ । ଯଦିଚ ଅଲ୍ଲାଃଙ୍କ ଉପାସନା କରିବା ପ୍ରତି ଅତ୍ୟଧିକ ଧ୍ୟାନ ଆକର୍ଷଣ କରୁଥିଲେ, କିନ୍ତୁ ନିଜ ଉପରେ ଅତ୍ୟାଚାର କରି ନୁହେଁ । ପୁଣ୍ୟଶ୍ଳୋକ କହିଲେ; ପ୍ରତ୍ୟେକ ବ୍ୟକ୍ତିକୁ ଆବଶ୍ୟକ ଯେ ସେପର୍ଯ୍ୟନ୍ତ ଈଶ୍ୱରଙ୍କ ଉପାସନାରେ ନିମର୍ଜ୍ଜିତ ରହୁ ଯେପର୍ଯ୍ୟନ୍ତ ତାହା ହୃଦୟରେ ପ୍ରଫୁଲ୍ଲିତ ଓ ଉତ୍କଣ୍ଠା ଭାବ ବଳବତ୍ତର ରହିଥିବ । **ଯେତେବେଳେ ସେ ଥକି ପଡିବ ସେତେବେଳେ ନିଜ ଉପରେ ଅତ୍ୟାଚାର ପୂର୍ଣ୍ଣ ଉପାସନା କରିବାରେ କୌଣସି ଉପକାର ମିଳିବ ନାହିଁ ।**

ପ୍ରିୟ ହୁଜୁର ଅନଓ୍ୱର[ଅ.ବ] କହିଲେ; ଆଜିକାଲି ଲୋକମାନଙ୍କ ସକାଶେ ଏହା କହିଦେବାକୁ ଚାହେଁ ଯେ, ନିଜ ଉପରେ ଅତ୍ୟାଚାର କରି ଉପାସନା କରିବା ଅର୍ଥ ଏହା ନୁହେଁ, ଯେ ଜଣେ ଶୀଘ୍ର ଶୀଘ୍ର ଉପାସନା କରିନିଅ ଓ ଏକ କର୍ତ୍ତବ (ବୋଝ) ମୁଣ୍ଡରୁ ଓହ୍ଲାଇବା ପରି ସମ୍ପାଦନ କରିଦେବ... । ଅନେକ ଥର ଏଠାରେ ମଧ୍ୟ ମୋତେ ଲୋକମାନେ ପ୍ରଶ୍ନ କରିଥାନ୍ତି, ଯେ ନମାଜ କିପରି ପାଠ କରିବା ଉଚିତ୍? ସେତେବେଳେ ମୁଁ ଉତ୍ତର ଦେଇଥାଏ, ଦେଖ! ନମାଜ ସୁଚାରୁ ରୂପେ ପାଠ କର । ମହାଭାଗ ଅଲ୍ଲାଃତାଲାଙ୍କ ସମକ୍ଷ ବିନମ୍ର ପୂର୍ବକ ଦଣ୍ଡାୟମାନ ହେବାର ଅବସ୍ଥା ଏପରି ଥିଲା ଯେ, ଯେତେବେଳେ ଲୋକମାନେ ଆପଣଙ୍କୁ କହିଲେ ଯେ ଆପଣ ତ ନିଜ ସତ୍‌କର୍ମ ଦ୍ୱାରା ଅଲ୍ଲାଃଙ୍କ କୃପାର ଅଧିକାରୀ ହୋଇଯିବେ । କାରଣ ଅଲ୍ଲାଃତାଲା ମହାଭାଗଙ୍କୁ ଏହାର ସାଟିଫିକେଟ୍ ପ୍ରଦାନ କରିଛନ୍ତି ଓ ତାଙ୍କର ପବିତ୍ର କାର୍ଯ୍ୟକଳାପ ମୁସଲମାନମାନଙ୍କ ସକାଶେ ଅନୁକରଣ କରି ତାହାର ପୂର୍ଣ୍ଣ ପାଳନ କରିବାକୁ ଏକ ବିଶିଷ୍ଟ ସ୍ତର ବୋଲି ନିର୍ଦ୍ଧାରିତ କରିଛନ୍ତି । କିନ୍ତୁ ମହାଭାଗ କହିଲେ; ନା, ନା । ମୁଁ ମଧ୍ୟ ଅଲ୍ଲାଃଙ୍କ ଦୟା ଓ ଅନୁକମ୍ପା ବଳରେ କ୍ଷମା ଲାଭ କରିବି । ପୁନଶ୍ଚ ମହାଭାଗ ଉପଦେଶ ପୂର୍ବକ କହିଲେ; ନିଜ କାର୍ଯ୍ୟ ସତ୍ ଉଦ୍ଦେଶ୍ୟରେ ସମ୍ପାଦନ କର ଓ ଅଲ୍ଲାଃଙ୍କ ସାନ୍ନିଧ୍ୟ ଲାଭ କରିବାର ମାର୍ଗ ଅନ୍ୱେଷଣ କର । ମହାଭାଗ ଆହୁରି କହିଲେ; ତୁମମାନଙ୍କ ମଧ୍ୟରୁ କେହି ମୃତ୍ୟୁର ଅଭିଳାଷ କର ନାହିଁ । କାରଣ ଯଦି ସେ ପୁଣ୍ୟବାନ ତେବେ ଜୀବିତ ରହି ନିଜ ସତ୍‌କର୍ମରେ ଆହୁରି ଅଧିକ ଆଗକୁ ବଢ଼ିଯାଇ ପାରିବ ଓ ଯଦି ମନ୍ଦ ବ୍ୟକ୍ତି ହୋଇଥାଏ ତେବେ ଜୀବିତ ରହି ନିଜ ଅପକର୍ମର କ୍ଷମାଯାଚନା କରିବାର ସାମର୍ଥ୍ୟ ଲାଭ କରିପାରିବ । **ଏହା ଏକ ଅତି ମହତପୂର୍ଣ୍ଣ ଉପଦେଶ, ଯାହାକୁ ଆମେ ସର୍ବଦା ମନେ ରଖିବା ଉଚିତ୍, ଯେ ଆମେ କଦାପି ମୃତ୍ୟୁର ଅଭିଳାଷ କରିବା ନାହିଁ ।**

ନବୀଶ୍ରେଷ୍ଠ ହଜରତ ମୁହମ୍ମଦ[ସ.ଅ]ଙ୍କ କାର୍ଯ୍ୟକଳାପ ପ୍ରସଙ୍ଗରେ ହଜରତ ଆଏଶା[ର.ଅ] ଏକ ସ୍ଥାନରେ କୁହନ୍ତି; ଜୀବନରେ କଦାପି ଏପରି ଅବସର ଆସି ନଥିଲା ଯେ, ମହାଭାଗଙ୍କ ସମ୍ମୁଖରେ ଦୁଇଟି ମାର୍ଗ ଖୋଲା ରହିଥିବ ଓ ଆପଣ ସେହି ଦୁଇ ମାର୍ଗ ମଧ୍ୟରୁ ସହଜ ମାର୍ଗ ଆପଣାଇ ନଥିବେ । କିନ୍ତୁ ସର୍ତ୍ତ ଏହିକି ଯେ ସେହି ସହଜ ସରଳ ମାର୍ଗ ଆପଣାଇବା ଦ୍ୱାରା କୌଣସି ପାପ ଅର୍ଜନ କରିବାର ସନ୍ଦେହ ନଥିବ । ତେବେ ମାନବଜାତିର ଯେପର୍ଯ୍ୟନ୍ତ ସମ୍ପର୍କ ରହିଛି, ଏଥି ସମ୍ବନ୍ଧରେ ମହାଭାଗ ନିଜ ଘରୁ ଆରମ୍ଭ କରି ନିଜ ପତ୍ନୀମାନଙ୍କର ଅଧିକାର ସମ୍ପାଦନ କରିବାରେ କିପରି ଥିଲେ? ଜାଣିରଖ! ଏହି ପରିପ୍ରେକ୍ଷୀରେ ମହାଭାଗଙ୍କ ଆଚରଣ ଅତି ସହାନୁଭୂତି ଓ ନ୍ୟାୟପରାୟଣ ଥିଲା । **ଯଦି ଆଜିକାଲିର ଲୋକମାନେ ଏକଥା**

**ହୃଦୟଙ୍ଗମ କରି ନିଅନ୍ତି ତେବେ ଘରମାନଙ୍କର ଅନେକ କଳହ ଓ ବିଶୃଙ୍ଖଳା ଦୂର ହୋଇଯିବ ।** ଦେଖ ମହାଭାଗଙ୍କ ଧୈର୍ଯ୍ୟ ରକ୍ଷା କରିବାର ଅବସ୍ଥା ଏପରି ଥିଲା, ଯେ ଯେତେବେଳେ ଅଲ୍ଲାଃତାଲା ମହାଭାଗଙ୍କୁ ସମ୍ରାଟ କରିଦେଲେ ସେତେବେଳେ ମଧ୍ୟ ଆପଣ ପ୍ରତ୍ୟେକଙ୍କର କଥା ଶୁଣୁଥିଲେ । ଯଦି କୌଣସି ବ୍ୟକ୍ତି କଠୋରତା ଓ ଅସାଦାଚାରଣ ପ୍ରଦର୍ଶନ କରୁଥିଲା ତେବେସୁଦ୍ଧା ମହାଭାଗ ନିରବ ରହୁଥିଲେ । କେତେକ ସମୟରେ ଲୋକମାନେ ଆପଣଙ୍କ ରାସ୍ତା ଅବରୋଧ କରି ଦେଉଥିଲେ ଓ ନିଜ ସମସ୍ୟା, ଆବଶ୍ୟକତା ବଖାଣିବା ଆରମ୍ଭ କରିଦେଉଥିଲେ । କିନ୍ତୁ ମହାଭାଗ ସେପର୍ଯ୍ୟନ୍ତ ଛିଡ଼ା ରହୁଥିଲେ, ଯେପର୍ଯ୍ୟନ୍ତ ଉକ୍ତ ବ୍ୟକ୍ତି ନିଜ କଥା ସମାପ୍ତ କରିଦେଉ ନଥିଲା । ତା'ପରେ ମହାଭାଗ ଆଗକୁ ବଢ଼ି ଯାଉଥିଲେ ।

ମହାମହିମ ହୁଜୁର ଅନୱ୍ୱର[ଅ.ବ] କହିଲେ; ଏପରି ପୁଣ୍ୟଶ୍ଳୋକଙ୍କ ଜୀବନୀର ଆହୁରି ଅନେକ (ଶିକ୍ଷଣୀୟ) କଥା ରହିଛି । ଆପଣଙ୍କ ନ୍ୟାୟ ଆଚରଣ, ଅନ୍ୟର ଭାବନା ପ୍ରତି ସମ୍ମାନ (ପ୍ରକଟ) କରିବା, ଅଭାବୀମାନଙ୍କର ଯତ୍ନ ନେବା ଓ ତାଙ୍କର କଥା ବୁଝିବା ଇତ୍ୟାଦି ଆମମାନଙ୍କ ପାଇଁ ଏକ ଉତ୍ତମ ଅନୁକରଣୀୟ ନମୁନା । ଅତଏବ ଅଲ୍ଲାଃତାଲା ଆମାମାନଙ୍କୁ ଶକ୍ତି ପ୍ରଦାନ କରନ୍ତୁ ଯେ, ଆମେମାନେ ଏହି ସର୍ବୋତ୍ତମ ଆଦର୍ଶର ପାଳନ କରି ପ୍ରକୃତ ମୁସଲମାନ ହେବାକୁ ଚେଷ୍ଟା କରିବା ଏବଂ ମହାଭାଗଙ୍କ ଏହି ବାର୍ତ୍ତାକୁ ସଂସାରରେ ପରିବ୍ୟାପ୍ତ କରିଦେବା । ଯଦ୍ଦ୍ୱାରା ସଂସାରବାସୀଙ୍କୁ ପୁଣ୍ୟଶ୍ଳୋକଙ୍କ ଧ୍ୱଜା ତଳେ ଏକତ୍ରିତ କରିପାରିବା । **ଅଲ୍ଲାଃତାଲା ଆମାମାନଙ୍କୁ ଏହାର ଶକ୍ତି ପ୍ରଦାନ କରନ୍ତୁ ।** ଅଲ୍ଲାଃହୁମ୍ମା ସଲ୍ଲେ ଆଲା ମୁହମ୍ମଦିନ୍ ଓ୍ୱଆଲା ଆଲେ ମୁହମ୍ମଦିନ୍ ଓ୍ୱ ବାରିକ୍ ଓ୍ୱସଲ୍ଲିମ୍ ଇନ୍ନକା ହମିଦୁନ୍ ମଜିଦ୍ ।

ପରିଶେଷରେ ପ୍ରିୟ ହୁଜୁର ଅନୱ୍ୱର[ଅ.ବ] ଶ୍ରୀମାନ ଲଇକ୍ ଅହମଦ ତାହେର୍ ସାହେବ ମୁରବୀ ସିଲ୍‌ସିଲାଙ୍କର ଉପସ୍ଥିତ ଜନାଯାଃ ଓ ଶ୍ରୀମାନ ସେଘା ଜାଲୁ ସାହେବ ନାଏବ୍ ସଦର୍ ସିଗୋମାଲି ଅଞ୍ଚଳ ନିବାସୀଙ୍କର ଜନାଯାଃ ଗାଏବ୍ ପାଠ କରିବାର ଘୋଷଣା କଲେ ଓ ଉଭୟଙ୍କର ଉତ୍ତମ ଚରିତ୍ର ଚର୍ଚ୍ଚା କରି ସେମାନଙ୍କ ସକାଶେ କ୍ଷମାଯାଚନା କଲେ ଏବଂ ବୈକୁଣ୍ଠରେ ସେମାନଙ୍କର ସ୍ତର ଉର୍ଦ୍ଧ୍ୱଗାମୀ ହେବା ନିମନ୍ତେ ଦୁଆ କଲେ ।

---

ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ଓ୍ୱ ନସ୍‌ତଇନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଆଲୈହି ଓ ନଉଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଇୟାତି ଆମାଲିନା ମଇଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହା ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ଓ୍ୱଲ୍ ଇହ୍‌ସାନି ଓ୍ୱଇତାଇଜିଲ କୁର୍‌ବା ଓ୍ୱୟନ୍‌ହା ଅନିଲ୍ ଫହ୍‌ଶାଇ ଓ୍ୱଲ୍ ମୁନ୍‌କରି ଓ୍ୱଲ୍ ବଗଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନ୍ ଉଯ୍‌କୁରୁଲ୍ଲାହା ୟଯ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲଯିକ୍‌ରୁଲ୍ଲାହି ଅକ୍‌ବର୍ ।

Khulasa Khutba Juma Huzoor Anwar a.b.a

19th December 2025

*Translated to Odia by :* Moulavi Anwar Ahmad Khan